# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 26 March – 2025

---

# ଓଡ଼ିଶା ହାଇକୋର୍ଟ- ମୁଖ୍ୟ ବିଚାରପତି

ଓଡ଼ିଶା ହାଇକୋର୍ଟର ନୂତନ ମୁଖ୍ୟ ବିଚାରପତି ଭାବେ ବିଚାରପତି ଜଷ୍ଟିସ ହରିସ ଟଣ୍ଡନ ଆଜି ପୂର୍ବାହ୍ନ ୧୦ଟାରେ ଶପଥ ନେବେ । ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି' ବିଚାରପତି ହରିଶ ଟଣ୍ଡନଙ୍କୁ ଶପଥ ପାଠ କରାଇବେ। ସୂଚନାଯୋଗ୍ୟ ଚଳିତମାସ ପ୍ରଥମ ସପ୍ତାହରେ ସୁପ୍ରିମକୋର୍ଟ କଲେଜିୟମ ଜଷ୍ଟିସ ହରିସ୍ ଟଣ୍ଡନଙ୍କୁ ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତିଭାବେ ନିଯୁକ୍ତ କରିବାକୁ ସୁପାରିସ୍ କରିବା ପରେ ରାଷ୍ଟ୍ରପତି ତାଙ୍କୁ ଏହି ପଦବୀରେ ନିଯୁକ୍ତି ଦେଇଥିଲେ ।

# ହାଇକୋର୍ଟ-ସିପାହୀ କନେଷ୍ଟବଳ ନିଯୁକ୍ତି

ରାଜ୍ୟ ସରକାର ସିପାହୀ-କନେଷ୍ଟବଳ ପଦରେ ନିଯୁକ୍ତି ନିମନ୍ତେ ୩ବର୍ଷ ପର୍ଯ୍ୟନ୍ତ ବୟସ ସମୟ ସୀମାରେ କୋହଳ କରିବେ ବୋଲି ଗତକାଲି ଓଡିଶା ହାଇକୋର୍ଟକୁ ଜଣାଇଛନ୍ତି । ଓଡିଶା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଅରିନ୍ଦମ ସିହ୍ନା ଏବଂ ବିଚାରପତି ମୃଗାଙ୍କଶେଖର ସାହୁଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିବା ସମୟରେ ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସଂକ୍ରାନ୍ତରେ ଅଦାଲତଙ୍କୁ

ଅବଗତ କରାଯାଇଥିଲା । ସୂଚନାଯୋଗ୍ୟ ୨୦୨୪ ମସିହା ଡିସେମ୍ବର ମାସରେ ହାଇକୋର୍ଟରେ ଜଣିକିଆ ଖଣ୍ଡପୀଠ ସିପାହୀ-କନେଷ୍ଟବଳ ନିଯୁକ୍ତି କ୍ଷେତ୍ରରେ ପ୍ରାର୍ଥୀଙ୍କର ସର୍ବାଧିକ ବୟସସୀମା ୬ବର୍ଷ କୋହଳ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସରକାରଙ୍କ ପକ୍ଷରୁ ଏହି ରାୟର ପୁନଃବିଚାର ପାଇଁ ଆବେଦନ କରିଥିଲେ । ସୂଚନାଯୋଗ୍ୟ, ଓଡିଶା ପୁଲିସର ୧୩୬୦ଟି ସିପାହୀ-କନେଷ୍ଟବଳ ପଦବୀ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା ।

## ସମୀକ୍ଷା ବୈଠକ

ଜଳସମ୍ପଦ ବିଭାଗରେ ନିର୍ମାଣଧୀନ ସମସ୍ତ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଓ ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ ଖର୍ଚ୍ଚ କରିବା ସମ୍ପର୍କରେ ଉନ୍ନୟନ କମିଶନ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁଗର୍ଗଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ସ୍ଥିତ ଲୋକସଭା ଭବନରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଜିଲ୍ଲାରୁ ଯନ୍ତ୍ରୀମାନେ ଆଭାସୀ ମାଧ୍ୟମରେ ଏହି ବୈଠକରେ ଯୋଗଦେଇଥିଲେ । ଜଳସମ୍ପଦ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବୃହତ, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଅନ୍ତଃ ନଦୀ ଜଳାଶୟ ପ୍ରକଳ୍ପ, ଉଠା ଜଳସେଚନ ପ୍ରକଳ୍ପ, ଜଳଭଣ୍ଡାରରେ ଜଳ ସଂରକ୍ଷଣ ଓ ରକ୍ଷାଣାବେକ୍ଷଣ, ଜଳ ନିଷ୍କାସନ ବ୍ୟବସ୍ଥା ଆଦି ସମ୍ପର୍କରେ ବୈଠକରେ ସମୀକ୍ଷା କରାଯାଇଥିଲା ।

# ଯୁବ ସଂସଦ କାର୍ଯ୍ୟକ୍ରମ

ବିଧାନସଭା ସମ୍ମିଳନୀ କକ୍ଷରେ ଭାରତ ସରକାରଙ୍କ ଯୁବବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟର ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।  ପ୍ରଥମ ଦିନରେ ଗତକାଲି ବାଚସ୍ପତି ସୁରମା ପାଢୀ ଆନୁଷ୍ଠାନିକଭାବେ ଯୁବ ସଂସଦ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଥିଲେ, ଯୁବବର୍ଗ ସଶକ୍ତ ସମାଜ ନିର୍ମାଣର ଆଧାର । ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୧୪୦ଜଣ ଯୁବ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି । ରାଜ୍ୟସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ଆଗାମୀ ଦିନରେ ଜାତୀୟସ୍ତରରେ ନୂଆ ଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମରେ ଭାଗ ନେବେ ।

# କନ୍ଧମାଳ ମହୋତ୍ସବ

ଫୁଲବାଣୀ ଷ୍ଟାଡିୟମ ପଡିଆରେ ଚଳିତମାସ ୨୧ତାରିଖରୁ ଆରମ୍ଭ ହୋଇଥିବା କନ୍ଧମାଳ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ଆସନ୍ତାକାଲି ଶେଷ ହେବ । ଜିଲ୍ଲା ପ୍ରଶାସନ ପକ୍ଷରୁ ମେଳାର ଅବଧିକୁ ଆଉ ଦୁଇଦିନ ବଢାଇବା ପାଇଁ  ନିଷ୍ପତ୍ତି ନିଆଯାଇଛି । କନ୍ଧମାଳ ଜିଲ୍ଲାର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୧୬୦ରୁ ଅଧିକ ଉତ୍ପାଦକ ଗୋଷ୍ଠୀ ଏହି ମେଳାରେ ସାମିଲ ହୋଇଛନ୍ତି ।

# ସମୀକ୍ଷା ବୈଠକ-ଗଞ୍ଜାମ

ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତରାଜ ପ୍ରତିଷ୍ଠାନର ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ମୀନା ଗତକାଲି ଗଞ୍ଜାମ ଜିଲ୍ଲା ଗସ୍ତକରି ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଏବଂ ସରକାରଙ୍କ ବିଭିନ୍ନ ଯୋଜନାଗୁଡିକର ପରିଚାଳନା ସମ୍ପର୍କରେ ସମୀକ୍ଷା କରିଛନ୍ତି । ଶ୍ରମିକମାନଙ୍କର ଉନ୍ନତି, ମନରେଗା, ପାନୀୟଜଳ, ସ୍ୱଚ୍ଛ ଭାରତ ମିଶନ, ଗ୍ରାମୀଣ ଆବାସ ଯୋଜନାର କାର୍ଯ୍ୟକାରିତା ଅଗ୍ରଗତିର ସମୀକ୍ଷା କରିଥିଲେ । ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଉପସ୍ଥିତିରେ ଚଳିତବର୍ଷ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡିକର ବିବରଣୀ ବୈଠକରେ ଉପସ୍ଥାପନ କରାଯାଇଥିଲା ।

# ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ

କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ସ୍ୱାସ୍ଥ୍ୟ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ବାୟୋ ବନ୍ଦନା ଯୋଜନା ବାବଦରେ ଏକ ପ୍ରସ୍ତୁତି ସମୀକ୍ଷା ବୈଠକ ହୋଇଯାଇଛି । ଏହି ଯୋଜନା ଆସନ୍ତାମାସ ପ୍ରଥମ ସପ୍ତାହରେ ଆରମ୍ଭ ହେବ । ଜିଲ୍ଲାର ୪୬ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଜନା ଲାଗୁ ହେବ । ସରକାରଙ୍କ ସୂଚନା ଅନୁସାରେ ରାଜ୍ୟର ୧୭ଲକ୍ଷ ୩୨ହଜାର ପରିବାର ଏହି ଯୋଜନାରୁ ଉପକାର ପାଇବେ ।

# ପାଣିପାଗ

ରାଜ୍ୟରେ ପଶ୍ଚିମାଝଡ଼ ପ୍ରଭାବ କମିଯାଇଥିବା ବେଳେ ଶୁକ୍ରବାର ପର୍ଯ୍ୟନ୍ତ ପାଣିପାଗ ସମ୍ପର୍କିତ କୌଣସି ସତର୍କ ସୂଚନା ନାହିଁ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଚଳିତ ସପ୍ତାହର ଶେଷ ଆଡ଼କୁ ସମ୍ବଲପୁର, ସୋନପୁର, ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲାରେ ତାପମାତ୍ରା ବୃଦ୍ଧି ପାଇବ। ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ଦୁଇରୁ ୬ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବା ନେଇ ପାଣିପାଗ ବିଭାଗ ଅନୁମାନ କରାଯାଇଛି । କେତେକ ସ୍ଥାନରେ ଦିନର ତାପମାତ୍ରା ୪୦ଡିଗ୍ରୀ ସେଲସିୟସରୁ ଅଧିକ ରହିବ, ହେଲେ ରାତିର ସର୍ବନିମ୍ନ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନ ଥିବା ପାଣିପାଗ ବିଭାଗ କହିଛି ।